# ତହସିଲ କାର୍ଯ୍ୟାଳୟ,କିଶୋରନଗର,ଜିଲ୍ଲା-ଅନୁଗୋଳ

ବିଜ୍ଞାପନ ପତ୍ର ସଂଖ୍ୟା ୭୫୨ / ତା ୦୧.୦୩.୨୦୨୧ ରିଖ

## ଲଘୁ ଖଣିଜ ଉତ୍ସ ର ଦୀର୍ଘମିଆଦୀ ଲିଜ ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ତତ ପରବର୍ତ୍ତୀ ( ସଂଶୋଧିତ )ଆଇନ ଅନୁଯାୟୀ)

ଏତଦ୍ବାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଅନୁଗୋଳ ଜିଲ୍ଲା କିଶୋରନଗର ତହସିଲ ଅନ୍ତର୍ଗତ ଆମ୍ରପାଳ ମୋରମ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ କୁ ନିଲାମ ମାଧ୍ୟମରେ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ସୂତ୍ରେ ଲିଜ ଦେବା ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ଅତ୍ର କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୩୪୨/ତା ୨୭.୦୧.୨୦୨୧ ରିଖ ମୁତାବକ ଇଚ୍ଛୁକ ବ୍ୟକ୍ତିବିଶେଷ ଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । କିନ୍ତୁ କୌଣସି ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିନଥିବାରୁ ପୁନର୍ବାର ଦ୍ୱିତୀୟ ଥର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules -2016 ଅନୁଯାୟୀ ଦରଖାସ୍ତ ଫର୍ମ (Form- M) ସମ୍ପୂର୍ଣ ପୂରଣ କରି ଏହାର ତିନିକିତା ନକଲ ସହିତ ଆବଶ୍ୟକୀୟ କାଗଜାତ ସଂଲଗ୍ନ କରି ଜଉମୁଦ ଲଫାଫା (Sealed Cover) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଆସନ୍ତା ତା ୨୨.୦୩.୨୦୨୧ ରିଖ (22 nd March,2021) ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ତହସିଲ ଅଫିସ ରେ ଉଦ୍ଦୀଷ୍ଟ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ କିମ୍ବା ଡାକ ଦ୍ୱାରା Registered /Speed Post ମାଧ୍ୟମରେ ବିଜ୍ଞାପନ ଜାରି ହେବା ଦିନ ହେବା ଠାରୁ ତହସିଲଦାର କିଶୋରନଗର ଙ୍କ ଠିକଣା ରେ ପଠାଇ ପାରିବେ । ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।ଲଫାପା ଉପରେ ସଇରାତ ଉତ୍ସ ର ନାମ ଓ ସଇରାତ କେସ ନମ୍ବର ଲେଖିଥିବା ଆବଶ୍ୟକ ।

ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାପ୍ତ ହୋଇଥିବା ସମସ୍ତ ବନ୍ଦ ଲଫାପା ଗୁଡିକୁ ତା ୨୨.୦୩.୨୦୨୧ରିଖ (22 nd March,2021) ଅପରାହ୍ନ ୫.୦୦ଘଟିକା ସମୟରେ ତହସିଲଦାର କିଶୋରନଗର ଙ୍କ କାର୍ଯ୍ୟାଳୟ ରେ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ ସର୍ବୋଚ୍ଚ ଅତିରିକ୍ତ ଦେୟ (Highest Additional Charge) ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଉକ୍ତ ଚୟନ ପ୍ରକ୍ରିୟା ରେ ଦରଖାସ୍ତ କାରୀ ସ୍ୱୟଂ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଚାହିଁଲେ ଉପସ୍ଥିତ ରହିପାରନ୍ତି।

ଯଦି ଉକ୍ତ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ସଇରାତ ଉତ୍ସ ନିମନ୍ତେ ଦରଖାସ୍ତ ପ୍ରାପ୍ତ ହୋଇନଥାଏ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହୋଇ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକ ଅସିଦ୍ଧ ବିବେଚିତ ହୁଏ ତା ହେଲେ ତୃତୀୟ ଥର ପାଇଁ ତା ୩୦.୦୩.୨୦୨୧ ରଖ (30th March.2021) ଦିନ ଅପରାହ୍ନ ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସମାନ ପ୍ରକ୍ରିୟା ଅବଲମ୍ବନ କରି ସେହି ଉତ୍ସ ଗୁଡିକ ନିମନ୍ତେ ଦରଖାସ୍ତ କରିପାରିବେ ।ସେଗୁଡିକୁ ସେହିଦିନ ଅପରାହ୍ନ ୫.୦୦ ଘଟିକା ସମୟ ରେ ଖୋଲା ଯାଇ ଦରଖାସ୍ତ ଗୁଡୁକୁ ତନଖି କରାଯିବ ଏବଂ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । । ଉକ୍ତ ଚୟନ ପ୍ରକ୍ରିୟା ରେ ଦରଖାସ୍ତ କାରୀ ସ୍ୱୟଂ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଚାହିଁଲେ ଉପସ୍ଥିତ ରହିପାରନ୍ତି । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଅନୁଗୋଳ ଜିଲ୍ଲା website : www.angul.nic.in ରେ ଉପଲବ୍ଧ ଅଟେ ।

ତହସିଲଦାର
କିଶୋରନଗର

## ଦରଖାସ୍ତ ସହିତ ନିମ୍ନ ପ୍ରଦତ୍ତ ଦସ୍ତାବିଜ (କାଗଜାତ ) ସଂଲଗ୍ନ କରିବା ବିଧେୟ

୧. ଦରଖାସ୍ତ ମୂଲ୍ୟ ବାବଦ ଟ ୧୦୦୦.୦୦ (ଏକ ହଜାର ଟଙ୍କା )ର ଟ୍ରେଜେରୀ ଚାଲାଣ Original (Non-Refundable) ଏହି ( 0853-Non-ferrus Mining and Metallurgical Industries- 102-Mineral Concession Fees, Rent and Royalties) Head Of Account ରେ ଜମା ହେବା ବିଧେୟ ।

୨. ଆବେଦନ କରୁଥିବା ଲଘୁ ଖଣିଜ ଉତ୍ସ ର ଏକ ସମ୍ପୂର୍ଣ ବିବରଣୀ ସହିତ ଏହାର ଏକ ନକ୍ସା ଏବଂ ତଫସିଲ ଯେଉଁଥିରେ କି ଉତ୍ସ ର ନାମ, ଖାତା ଓ ପ୍ଲଟ ନମ୍ବର ସହିତ ରକବା ଉଲ୍ଲେଖ ଥିବ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ ଲଘୁ ଖଣିଜ ବାବଦରେ ଓଡିଶା ସରକାରଙ୍କଠୁ ପଇଠ କରିବା ନିମନ୍ତେ କୌଣସି ବକେୟା ନଥିବା ସମ୍ବନ୍ଧେ ଏକ ସତ୍ୟ ପାଠ ଦାଖଲ କରିବେ ।

୪. ଦରଖାସ୍ତକାରୀ Rule 27(4) (IV) of OMMC Rules, 2016, ନିୟମ 27(A) (IV)ମୁତାବକ ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା Minimum Guaranteed Quantity (MGQ) ର ରୟାଲଟି ଓ ଆବେଦନ କରିଥିବା ପ୍ରସ୍ତାବିତ ଅତିରିକ୍ତ ଦେୟ (Additional Charges) ପରିମାଣର ସମାନ ଅର୍ଥ ବା ତଦୁର୍ଦ୍ଧ ମୂଲ୍ୟର ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) କିମ୍ବା ଶୋଧକ୍ଷମ ପ୍ରମାଣ ପତ୍ର(Solvency Certificate) ଯାହାର ଅବଧି ୧୮ ମାସ ପାଇଁ ବୈଧ ଥିବ ତାହା ଦାଖଲ କରିବେ ଓ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ର ତାଲିକା ପ୍ରଦାନ କରିବେ ।

୫ .ଆବେଦନକାରୀ ଅମାନତ ରାଶି ( Earnest Money) ମୂଲ୍ୟ ବାବଦ କୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ର ରୟାଲଟି ଓ ସର୍ବ ନିମ୍ନ ଅତିରିକ୍ତ ଦେୟ (Minimum Additional Charges) ର ଶତକଡା ୫ ପ୍ରତିଶତ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ( Bank Draft) ଆକାର ରେ ତହସିଲଦାର, କିଶୋରନଗର ଙ୍କ ନାମରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୬. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ ,ଦକ୍ଷତା,ଆର୍ଥିକସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତି ର ବିବରଣୀ ।

୭. G.S.T Clearance ସାର୍ଟିଫିକେଟ ର ନକଲ /ଗତବର୍ଷର Income Tax Return ର ନକଲ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ।

୮. କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଦରଖାସ୍ତକାରୀ ଉକ୍ତ ଉତ୍ସ କୁ ପରିଦର୍ଶନ କରିଥିବାର ଏକ ସ୍ୱ ଘୋଷିତ ଲିଖିତନାମା ଦାଖଲକରିବେ ।

ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତ କୁ ବିଚାର କୁ ନିଆଯିବ ନାହିଁ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ,ତେବେ ତାହା ସଂଶୋଧନ କରିବାର କ୍ଷମତା ,କ୍ଷମତାପନ୍ନ ଅଧିକାରୀଙ୍କର ରହିଛି । କୌଣସି କାରଣ ନଥାଇ ଦରଖାସ୍ତ କୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି । ସମସ୍ତ ଦରଖାସ୍ତକାରୀ OMMC Rules 2016 ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ ସମସ୍ତ ସର୍ତ୍ତାବଳୀ କୁ ପାଳନ କରିବା ବିଧେୟ ।ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସ ରେ ମିଳିପାରିବ ।

ତହସିଲଦାର, କିଶୋରନଗର

ତହସିଲଦାର
କିଶୋରନଗର

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶାର ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ (OMMC Rules-2016 ) ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ର ପରିସର ଭୁକ୍ତ ରହିବେ ଏବଂ ସମସ୍ତ ନିୟମ ପାଳନ କରିବାକୁ ବାଧ ହେବେ ।

୨. ଲିଜ ଧାରି Mines Act ,1952 ଓ Explosive Act,1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୩. ଦରଖାସ୍ତ କରିବା ପୂର୍ବରୁ ସଇରାତ ଉତ୍ସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା,ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୪. ଲିଜ ଗ୍ରହଣ କରିସାରିବା ପରେ ଲିଜ ସଇରାତ ପରିଚାଳନା ନିମନ୍ତେ କୌଣସି ଅଭିଯୋଗ ଆସିଲେ ଏହା ଗ୍ରହଣ ହେବ ନାହିଁ କିମ୍ବା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଏଣୁ ଲିଜ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ସଇରାତ ଉତ୍ସ ର କ୍ଷେତ୍ର ସ୍ଥିତି (Field Position) ତଥା ଅନ୍ୟାନ୍ୟ ତଥ୍ୟ ତନଖି ନେବା ଆବଶ୍ୟକ ।

୫. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ କ୍ଷମତା ପନ୍ନ ଅଧିକାରୀ ଦାୟୀ ରହିବେ ନାହିଁ ।

୬ . ଲିଜ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ଅତିରିକ୍ତ ଦେୟ (Additional charges) ଘନ ମିଟର ପ୍ରତି ଦାଖଲ କରିଥିବା ଆବେଦନକାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଯଦି ଏକାଧିକ ଯୋଗ୍ୟ ବିବେଚିତ ଆବେଦନକାରୀ ସମାନ ଅତିରିକ୍ତ ଦେୟ ଉଲ୍ଲେଖ କରିଥାନ୍ତି ତେବେ ତାହା ଧର୍ମଗୋଳା (By draw of lots) ମାଧ୍ୟମରେ ନିଲାମଧାରୀ ଚୟନ କରାଯିବ ।

୭. ଯଦି କୌଣସି ଆବେଦନକାରୀ ଆବଶ୍ୟକୀୟସମସ୍ତ କାଗଜାତ ସଂଲଗ୍ନ ନକରି କିମ୍ବା ଧାର୍ଯ୍ୟ ଅତିରିକ୍ତ ଦେୟ (Minimum Additional Charges) ଠାରୁ କମ ଦର ରେ ଦରଖାସ୍ତ କରିଥିବେ ତେବେ ତାଙ୍କର ଫର୍ମ M ଖାରଜ କରିଦିଆଯିବ ।

୮. ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charges) ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ ଗ୍ରହଣ ନ କଲେ ତାଙ୍କର ଜମା ରାଶି ବାଜ୍ୟାପ୍ତି କରାଯିବ ଓ ୨ ୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charges) ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୯. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ବାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ।

୧୦. ଲିଜ ଅବଧି ମଧ୍ୟରେ ସରକାରଙ୍କ ଧାର୍ଯ୍ୟ ଲଘୁ ଖଣିଜ ଦ୍ରବ୍ୟ ର ରୟାଲଟି ଓ ଅନ୍ୟାନ୍ୟ ଦେୟ ରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜ ଧାରୀଙ୍କ ମୂଲ୍ୟାଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଓ ଅନ୍ୟାନ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୧୧. ସର୍ବୋଚ୍ଚ ନିଲାମ ଧାରୀ (Select Bidder) ଙ୍କୁ ନିଲାମ ହେବାର ୭ (ସାତ )ଦିନ ମଧ୍ୟରେ competent Authority ଫର୍ମ F ରେ ଲିଜ ର Term & Condition ବାବଦରେ ଜଣାଇବେ । ଏହି ପତ୍ର ପାଇବାର 15 ଦିନ ମଧ୍ୟରେ ସର୍ବୋଚ୍ଚ ନିଲାମଧାରୀ ତାଙ୍କର ଲିଜ ସ୍ୱୀକାର ପତ୍ର ଜଣାଇବା ସହିତ ଲିଜ ର ନିୟମ କାନୁନ ମାନିବା ଓ ଆବଶ୍ୟକୀୟ ଅମାନତ ରାଶି (Security Money Deposit) ନିମ୍ନ ମତେ ଜମା କରିବେ ଓ ଏଥି ସହିତ ପୂର୍ବରୁ ଦାଖଲ ହୋଇଥିବା ଅମାନତ ରାଶି (Earnest Money) କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି ଭାବରେ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ଜମା ରହିବ ।

{Security Money = [25% of MGQ as approve in Mining Plan X (Royalty + Additional Charges Quoted)] & DMF- Earnest Money}

୧୨. ଯଦି ସର୍ବୋଚ୍ଚ ନିଲାମଧାରୀ ୧୫ ଦିନ ମଧ୍ୟରେ ସହମତି ପତ୍ର ପ୍ରଦାନ ନ କରନ୍ତି ଓ ଅମାନତ ରାଶି ପଇଠ ନ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସମାନ ପ୍ରକ୍ରିୟାରେ ସୁଯୋଗ ଦିଆଯିବ । ଯଦି ଦ୍ୱିତୀୟ ନିଲାମ ଧାରିଙ୍କ ଅସଫଳତା ଏଥିରେ ପରିଲକ୍ଷିତ ହୁଏ ତେବେ ତୃତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଏହାର ସୁଯୋଗ ଦିଆଯିବ । (Rule 27 of Sub-Rule 6 & 7 of OMMC Rule – 2016)

ତହସିଲଦାର
କିଶୋରନଗର

୧୩. ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଜଧାରୀ ଲିଜ ପାଇଥିବା ସଇରାତ ର ପରିବେଶ ସମ୍ବନ୍ଧୀୟ ଅନୁମତି (Environment Clearance) ନିଜ ଦାୟିତ୍ୱ ରେ ହାସଲ କରିବେ । ଲିଜଧାରୀ ଲିଜ ପାଇଥିବା ସଇରାତ ର Mining Plan ପାଇଁ ହୋଇଥିବା ଖର୍ଚ୍ଚ ୧୫ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଯଦି କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ସଇରାତ ଉତ୍ସ ର ପରିବେଶ ସମ୍ବନ୍ଧୀୟ ଅନୁମତି (Environment Clearance) ପ୍ରସ୍ତୁତ କରିଥାନ୍ତି ,ତେବେ ସେହି ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ଦେୟ ମଧ୍ୟ ଦାଖଲ କରିବେ ।

୧୪. ଲିଜ ମଞ୍ଜୁର ପରେ ଲିଜଧାରୀ ରୟାଲିଟି (Royalty), ଅତିରିକ୍ତ ଦେୟ (Additional Charges), ଭୂମିପୃଷ୍ଠ ଖଜଣା (Surface Rent),ଉପଯୋଗ ଖଜଣା(Dead Rent),ବନୀକରଣ ଦେୟ (Compensatory Afforestation Fees), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି(DMF), ପରିବେଶ ଉନ୍ନୟନ ପାଣ୍ଠି(EMF) and TCs etc. ର ଧାର୍ଯ୍ୟ ବାର୍ଷିକ ଦେୟ,ଯାହାକି ଅନୁମୋଦିତ ହୋଇଥିବା Mining Plan ରେ ଦର୍ଶାଯାଇଥିବା Minimum Guaranteed Quantity (MGQ) ଅନୁଯାୟୀ ଆର୍ଥିକ ବର୍ଷ ଆରମ୍ଭରେ ଏକ କାଳୀନ ପଇଠ କରିବାକୁ ହେବ ।

୧୫. ମନୋନୀତ ଆବେଦନକାରୀ ତିନି ମାସ ମଧ୍ୟରେ Mining Plan ତଥା Environment Clearance ଦାଖଲ କରିବା ସହିତ ସମସ୍ତ ସରକାରୀ ଦେୟ ପଇଠ କଲାପରେ ଫର୍ମ N ରେ ନିଜସ୍ୱ ଖର୍ଚ୍ଚ ରେ Registration Act ,1908 ଓ Stamp act,1899 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Deed) ସମ୍ପାଦନ କରିବା ବାଧ୍ୟତା ମୂଳକ ଅଟେ ।

୧୬. ସଇରାତ ଉତ୍ସ ପରିଚାଳନା ପୂର୍ବରୁ ଲିଜଧାରୀ ଙ୍କୁ EC ଓ Mining Plan ପ୍ରସ୍ତୁତ ଖର୍ଚ୍ଚ କରିବାକୁ ପଡିବ । ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖା (State Pollution Control Board) ଙ୍କ ଠାରୁ CTE (Consent to Establish)/CTO (Consent to Operate) ର ଆଦେଶ ମଧ୍ୟ ଉତ୍ସ ର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହେବ। ବିନା CTO ରେ ଲିଜଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

୧୭. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ ଲିଜଧାରୀ ଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପନ୍ନ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିଲା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉତ୍ସ ରୁ ଖଣିଜ ପଦାର୍ଥ ଉଠାଇପାରିବେ ନାହିଁ ।

୧୮. ଜିଲ୍ଲାପାଳ ଏବଂ Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ କୁ ରଦ୍ଦ କରିପାରିବେ ।

୧୯. ଲିଜ ଧାରୀ ସଇରାତ ଉତ୍ସ ର (Mining Plan ) ନକ୍ସା ଅନୁଯାୟୀ ଏହାର ସୀମା ସରହଦ ଚିହ୍ନଟ କରି ସିମେଣ୍ଟ ଖୁଣ୍ଟି ଦ୍ୱାରା ବାଡ ଦେବେ ଓ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board)ତିଆରି କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଓ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ର ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୨୦. ଯଦି ଯୋଗ୍ୟ ନିଲାମ ଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି କିମ୍ବା ୫ ବର୍ଷ ଲିଜ ଅବଧି ଶେଷ ହେବା ପୂର୍ବରୁ ଅପସରି ଯାଆନ୍ତି ତାହା ହେଲେ ଅର୍ଜିତ ରାଶି (EMD)ଏବଂ ସୁରକ୍ଷିତ ରାଶି (Security Money) ବାବଦ କୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ସହିତ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR କେସ ମାଧ୍ୟମରେ ଆଦାୟ କରାଯିବ । ଲିଜ ଚୁକ୍ତି ନାମା ପରେ ଯଦି କୌଣସି ଲିଜ ଧାରୀ Odisha Miner Mineral Concession Rule -2016 ଓ Odisha Miner Mineral Concession Rule – 2016(Amendment) ର ଉଲଂଘନ କରନ୍ତି ତାହାହେଲେ ଲିଜ କୁ ରାଜ୍ୟ ସରକାରଙ୍କର କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

୨୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ରହିଅଛି ।

୨୨. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ,ତେବେ ତାହା ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୩ . ଦରଖାସ୍ତ ରେ ଖଣିଜ ଦ୍ରବ୍ୟ ର ଘନମିଟର ପିଛା ଅତିରିକ୍ତ ଦେୟ (Additional Charges) ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

ତହସିଲଦାର
କିଶୋରନଗର

୨୪. ଲିଜ ଧାରୀଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତି ଦିନ ଉତ୍ତୋଳନ ଏବଂ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ର ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ହିସାବ ଏହି କାର୍ଯ୍ୟାଳୟ ରେ ଦାଖଲ କରିବେ ।

୨୫. ସରକାରୀ ରୟାଲିଟି ଓ ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀଙ୍କର ଏମ-ଫର୍ମ ଖାରଜ କରିଦିଆଯିବ ।

୨୬. ଯଦି ନିଲାମ ଧାରୀ ରୟାଲିଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ ତାହା ହେଲେ ତାଙ୍କରବ ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସ ଟିକୁ ଲିଜ ଅବଧି ସେସ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ ।

୨୭. କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବା ,ପରିବର୍ତ୍ତନ  କରିବା ,ତ୍ରୁଟିସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତ କୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର କାରୀ  କିମ୍ବା ତଦୁର୍ଦ୍ଧ  ଅଧିକାରୀଙ୍କର ରହିଅଛି ।

୨୮. ସଇରାତ ଉତ୍ସ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ  (ଛୁଟି ଦିନ ବ୍ୟତୀତ) ସମସ୍ତ  କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ www.angul.nic.in ରେ ଉପଲବ୍ଧ ହେବ ।

ଲଘୁ ଖଣିଜ ଉତ୍ସ ର ସବିଶେଷ ବିବରଣୀ ସାରଣୀ -୧ ରେ ବର୍ଣ୍ଣିତ ଅଛି ।

ତହସିଲଦାର
କିଶୋରନଗର

# ସାରଣୀ

## ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ର ବିବରଣୀ

| କ୍ର ନଂ | କେସ ସଂଖ୍ୟା Case No | ଉତ୍ସ ର ନାମ Name of the Sairat | ମୌଜା Village | ଖାତା ନଂ Khata No | ପ୍ଲଟ ନଂ Plot No | କିସମ Kissam | ଲିଜ ରକବା (ଏକର) Area in Acre | ରୟାଲଟି ମୂଲ୍ୟ (ଘନ ମିଟର ପ୍ରତି) Royalty Per CUM | ଅତିରିକ୍ତ ଦେୟ Additional Charges Per CUM | ବାର୍ଷିକ MGQ Mining Plan ଅନୁଯାୟୀ in CUM | Earnest Money | Mining Plan ନିମନ୍ତେ ହୋଇଥିବା ଖର୍ଚ୍ଚ |
|---|---|---|---|---|---|---|---|---|---|---|---|---|
| 2 | 210/2019-20 | ଆମ୍ବପାଳ ମୋରମ ଖଣି | ଆମ୍ବପାଳ | ୯୩ | ୧୧୮୩ | ଉନ୍ନତ ଯୋଜନା ଯୋଗ୍ୟ | ୪.୫୯୦ | ୩୫.୦୦ | ୫୦.୦୦ | ୭୦୦୦ | ୧୫୫୦୦.୦୦ | ୪୭୧୦୦.୦୦ |

ତହସିଲଦାର,କିଶୋରନଗର

ତହସିଲଦାର
କିଶୋରନଗର

ସ୍ମାରକ ସଂଖ୍ୟା    ୭୫୩/ ତାରିଖ ୦୧.୦୩.୨୦୨୧ ରିଖ

ଏହାର ଏକ କିତା ନକଲ ଜିଲ୍ଲାପାଳ ଅନୁଗୋଳ / ଉପଜିଲ୍ଲାପାଳ, ଆଠମଲ୍ଲିକ ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,କିଶୋରନଗର
ତହସିଲଦାର
କିଶୋରନଗର

ସ୍ମାରକ ସଂଖ୍ୟା    ୭୫୪/ ତାରିଖ ୦୧.୦୩.୨୦୨୧ ରିଖ

ଏହାର ଏକ କିତା ନକଲ ଅନୁଗୋଳ ଜିଲ୍ଲାର ସମସ୍ତ ତହସିଲଦାର/ସମସ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ/ସମସ୍ତ ଗ୍ରାମପଞ୍ଚାୟତ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ତହସିଲ କାର୍ଯ୍ୟାଳୟ କିଶୋରନଗର /ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସଇରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତୟ ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,କିଶୋରନଗର
ତହସିଲଦାର
କିଶୋରନଗର

ସ୍ମାରକ ସଂଖ୍ୟା    ୭୫୫/ ତାରିଖ ୦୧.୦୩.୨୦୨୧ ରିଖ

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (D.I.O),ଅନୁଗୋଳଙ୍କ ସଦୟ ଅବଗତି ତଥା ଜିଲ୍ଲା ୱେବସାଇଟ ରେ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,କିଶୋରନଗର
ତହସିଲଦାର
କିଶୋରନଗର